ମଧୁବାବୁଙ୍କ ମୃତ୍ୟୁରେ ଚାରିଆଡେ ଦୁଃଖ ଓ ଭକ୍ତି ଅର୍ପଣ

ମଧୁବାବୁଙ୍କ ତିରୋଧାନରେ ଉତ୍କଳ ସାହିତ୍ୟ ସମାଜରେ ବିରାଟ

ଶୋକସଭା

କଟକ, ତା ୭।୨।୩୪

ଅଦ୍ୟ ସନ୍ଧ୍ୟା ୬ଟା ବେଳମାନେ ଉତ୍କଳ ସାହିତ୍ୟ ସମାଜର ଶ୍ରୀ ରାମଚନ୍ଦ୍ରଭବନ ବହୁ ଜନସମାଗମରେ ପୂର୍ଣ୍ଣ ହୋଇ ଯାଇଥିଲା । ଶ୍ରୀଯୁକ୍ତ ପ୍ରାଣକୃଷ୍ଣ ପଢ଼ିଆରୀ, ପାରେଶ୍ୱର ମହାନ୍ତି, ବ୍ରଜସୁନ୍ଦର ଦାସ, ବିଶ୍ୱନାଥ କର, ଷଡ଼ାନନ୍ଦ ଦାସ, ବାଲକୃଷ୍ଣ କର, ଗୋପାଳଚନ୍ଦ୍ର ପ୍ରହରାଜ, ହରିହର ମହାପାତ୍ର, ବନମାଳୀ ମିଶ୍ର, କର୍ମଚନ୍ଦ୍ର ଆଚାର୍ଯ୍ୟ, କପିଳବିହାରୀ ବସୁ, ଭଗବାନ ପତି ଓ ସତ୍ୟନାରାୟଣ ରାଜଗୁରୁ ପ୍ରମୁଖ ବହୁ ଭଦ୍ରବ୍ୟକ୍ତି ଏବଂ ଶ୍ରୀମତୀ ରମାଦେବୀ ଓ ସରଳାଦେବୀ ପ୍ରମୁଖ ବହୁ ଭଦ୍ରମହିଳା ସବସମେତ ପ୍ରାୟ ୩୦୦ ସଭ୍ୟ ଲୋକ ସଭାସ୍ଥଳରେ ସମବେତ ହୋଇଥିଲେ । ଶ୍ରୀଯୁକ୍ତ ପଢ଼ିଆରୀଙ୍କ ପ୍ରସ୍ତାବ ଓ ବ୍ରଜସୁନ୍ଦର ଦାସଙ୍କ ଅନୁମୋଦନକ୍ରମେ ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ ସଭାପତି ଆସନ ଗ୍ରହଣ କରିଥିଲେ । ସଭା ଆରମ୍ଭରେ ଶ୍ରୀ ନିକୁଞ୍ଜ କିଶୋର ଦାସଙ୍କ ରଚିତ ଏକ ଶୋକ ଗୀତିକା ବେନ୍ଦ୍ରୋପଡ଼ାର ସୁଗାୟକ ଶ୍ରୀ ନିମାଇ ଚରଣ ହରିଚନ୍ଦନ ଗାନ କରିଥିଲେ । ଗାନଟି ଏପରି ମର୍ମସ୍ପର୍ଶୀ ହୋଇଥିଲା ଯେ ସମସ୍ତେ ମଧୁବାବୁଙ୍କ ବିୟୋଗକୁ ବଡ଼ ତୀବ୍ର ଭାବରେ ଅନୁଭବ କଲେ ଏବଂ ରମାଦେବୀ ପ୍ରମୁଖ ବହୁ ମହିଳା ଏବଂ ସଭ୍ୟଙ୍କର ଅକ୍ଷି ଲୋତକରେ ପୂର୍ଣ୍ଣହୋଇ ଉଠିଲା । ଏହାପରେ ଶ୍ରୀଯୁକ୍ତ ବିଚ୍ଛନ୍ଦଚରଣ ପଟ୍ଟନାୟକ 'ଉତ୍କଳ-ମାର୍ତ୍ତଣ୍ଡ ମଧୁସୂଦନ' ଶୀର୍ଷକ ଏକ କ୍ଷୁଦ୍ର ପ୍ରବନ୍ଧ ପାଠ କରି ମଧୁବାବୁଙ୍କ ବିଶାଳ ବ୍ୟକ୍ତିତ୍ୱ ସମ୍ବନ୍ଧରେ ବହୁ ସୁଚିନ୍ତିତ ମନ୍ତବ୍ୟ ପ୍ରକାଶ କରି ଓଡ଼ିଶା ଦେଶ ଓ ଓଡ଼ିଆ ଜାତି ପ୍ରତି ତାଙ୍କର ଗଭୀର ପ୍ରେମ ଓ ସହାନୁଭୂତି ଥିଲା । ତାହା ତାଙ୍କର ଓଜସ୍ୱିନୀ ଭାଷାରେ ପ୍ରକାଶ କରିଥିଲେ । ଏହାପରେ ତରୁଣ କବି ଶ୍ରୀ ମାୟାଧର ମାନସିଂହ ମଧୁବାବୁଙ୍କ ମୃତ୍ୟୁ ଉପଲକ୍ଷେ ସ୍ୱରଚିତ ଏକ ମଧୁର କବିତା ଆବୃତ୍ତି କରିଥିଲେ । ତତ୍ପରେ ଶ୍ରୀଯୁକ୍ତ ବ୍ରଜବିହାରୀ ମହାନ୍ତି 'କର୍ମୀ ମଧୁସୂଦନ' ଶୀର୍ଷକ ଏକ ପ୍ରବନ୍ଧ ପାଠ କରି ତହିଁରେ ମଧୁବାବୁଙ୍କ କର୍ମମୟ ଜୀବନର ମର୍ମସ୍ପର୍ଶୀ ଆଲେଖ୍ୟ ପ୍ରଦାନ କରିଥିଲେ । ଏହାପରେ ଶ୍ରୀ ଭଗବାନ ପତି ମଧୁବାବୁଙ୍କ ଜୀବନ ସମ୍ବନ୍ଧରେ ଅଳ୍ପ କେତେକ କଥା କହି ଶ୍ରୀ ଜଗନ୍ନାଥ ବେଲପାଠୀ ବି,ଏ,ବି ରଚିତ ଏକ ଲଳିତ ମଧୁର ସାଧୁ କବିତା ରସକୁଲ୍ୟା ସ୍ୱରରେ ଗାନ କରିଥିଲେ । ଉପସ୍ଥିତ ଜନତା ଏହାର ଶ୍ରବଣରେ ଲୋତକର ବେଗ ଧାରଣ କରି ନ ପାରି କାନ୍ଦି ଉଠିଥିଲେ । ତତ୍ପରେ ଶ୍ରୀ ନବକିଶୋର ଦାସ 'ମଧୁବାବୁଙ୍କ ଜୀବନର ଶେଷ ଦିନ' ପ୍ରସଙ୍ଗରେ ଏକ ଲିଖିତ ବିବରଣୀ ପାଠ କରିଥିଲେ । ମୃତ୍ୟୁ ଶଯ୍ୟାରେ ପଡ଼ି ସୁଦ୍ଧା ମଧୁବାବୁ କିପରି ଦେଶ ଓ ଦେଶବାସୀଙ୍କ କଥା ଭାବୁଥିଲେ, ତାହା ତାଙ୍କ ବିବରଣୀରେ ସେ ଅତି ସୁନ୍ଦର ଭାବରେ ପ୍ରକାଶ କରିଥିଲେ । ଏହାପରେ ସଭାପତିଙ୍କ ଆହ୍ୱାନକ୍ରମେ ଶ୍ରୀଯୁକ୍ତ ବ୍ରଜବନ୍ଧୁ ଦାସ, ଶ୍ରୀ ବ୍ରଜସୁନ୍ଦର ଦାସ ଓ ବିଶ୍ୱନାଥ କର ମଧୁବାବୁଙ୍କ କର୍ମମୟ ଜୀବନ ସମ୍ବନ୍ଧରେ ନାନା ଦିଗରୁ ନାନା କଥା କହିଥିଲେ । ଶ୍ରୀ ବ୍ରଜବନ୍ଧୁ ଦାସ ମଧୁବାବୁଙ୍କ ଖାରବେଳ ଓ କପିଳେନ୍ଦ୍ରଦେବଙ୍କ ସହିତ ତୁଳନା କରି କହିଥିଲେ—"ସେମାନେ ଯେପରି ବିଚ୍ଛିନ୍ନ ଉତ୍କଳ ଏକାଠି କରି ଏକ ଶାସନର ଅଧୀନରେ ଆଣିଥିଲେ, ମଧୁବାବୁ ସେହିପରି ତାଙ୍କ ସର୍ବ ଜୀବନର କାର୍ଯ୍ୟ କାଳ ଭିତରେ ଅକ୍ଳାନ୍ତ ଚେଷ୍ଟା କରି ଖଣ୍ଡବିଖଣ୍ଡିତ ଉତ୍କଳକୁ ଏକାଠି କରିଅଛନ୍ତି ଏବଂ ଏକ ଶାସକର ଅଧୀନରେ ଆଣିଅଛନ୍ତି । କାର୍ଯ୍ୟତଃ ବର୍ତ୍ତମାନ ତାହା ହୋଇ ନ ଥିଲେହେଁ ସ୍ୱତନ୍ତ୍ର ପ୍ରଦେଶର ଘୋଷଣା ମୃତ୍ୟୁ ପୂର୍ବରୁ ମଧୁବାବୁଙ୍କ କାନରେ ବାଜିଛି । ବ୍ରଜସୁନ୍ଦର ବାବୁ ମଧୁବାବୁଙ୍କ ସାହିତ୍ୟିକ ଜୀବନ ପ୍ରସଙ୍ଗରେ ନାନା କଥାର ଅବତାରଣା କରି ତାଙ୍କ ରଚିତ ଭାଗବତ ସଙ୍ଗୀତ କେତୋଟି ଆବୃତ୍ତି କରିଥିଲେ । ବିଶ୍ୱନାଥ ବାବୁ ମଧ୍ୟ ସେହିପରି ତାଙ୍କ ବକ୍ତୃତାରେ ମଧୁବାବୁଙ୍କ ରାଜନୈତିକ ବିଚକ୍ଷଣତା ଓ କର୍ମପ୍ରାଣତା ପ୍ରକାଶ କରି କେତେକ କଥା କହିଥିଲେ । ଏହା ପରେ ନିଜେ ସଭାପତି ମଧୁବାବୁଙ୍କ ପ୍ରସଙ୍ଗରେ କେତେକ କଥା କହି ପ୍ରସ୍ତାବ କରିଥିଲେ—"ସାହିତ୍ୟ ସମାଜ ଦ୍ୱାରା ଆହୂତ ଏହି ସାଧାରଣ ସଭା ଉତ୍କଳର କର୍ମବୀର ଓ ବରପୁତ୍ର ଶ୍ରୀ ମଧୁସୂଦନଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରୁଅଛନ୍ତି ।" ସମସ୍ତେ ଦଣ୍ଡାୟମାନ ହୋଇ ତାଙ୍କର ଏହି ଶୋକ ପ୍ରସ୍ତାବକୁ ଗ୍ରହଣ କରିଥିଲେ । ଏହା ପରେ ମଧୁବାବୁଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଉକ୍ତ ପ୍ରସ୍ତାବର ଗୋଟିଏ ପ୍ରତିଲିପି ପଠାଯାଉ ବୋଲି ସଭାପତି ପୁଣି ଗୋଟିଏ ପ୍ରସ୍ତାବ ଆଣିଲେ । ଏହା ଗୃହୀତ ହୁଅନ୍ତେ ସଭାପତିଙ୍କ ଆଦେଶରେ ସଭା ଭଙ୍ଗ ହେଲା ।

—

ହାଇକୋର୍ଟରେ ଶୋକ ପ୍ରକାଶ

କଟକ, ତା ୫।୨।୩୪

୫ ତାରିଖ ଦିନ କଟକରେ ସରକିଟ କୋର୍ଟ ଆରମ୍ଭ ହେଲା । ମାନ୍ୟବର ଜଷ୍ଟିସ ମିଷ୍ଟର ଜେମ୍ସ ପ୍ରମୁଖ ଜଜମାନେ ବସିଥିଲେ । କଟକର ବାର ଏସୋସିଏସନ ପକ୍ଷରୁ ଅଗ୍ରଣୀ ରାୟ ବାହାଦୁର ଜାନକୀନାଥ ବୋଷ ପ୍ରଥମେ ମଧୁବାବୁଙ୍କର ବିୟୋଗ କଥା ସେଠାରେ ଜଣାଇଲେ । ବୃଦ୍ଧ ଜାନକୀ ବାବୁ ତାଙ୍କର ସଙ୍ଗୀ ସହକର୍ମୀ ମଧୁବାବୁଙ୍କର ବିୟୋଗରେ ବଡ଼ ମର୍ମାହତ ହୋଇଛନ୍ତି । ସେ ଜଜମାନଙ୍କ ଆଗରେ ମଧୁବାବୁଙ୍କ ଗୁଣ କୀର୍ତ୍ତନ କରି କହିବାବେଳେ ତାଙ୍କର ଆଖି ଛଳ ଛଳ ହୋଇ ଯାଉଥାଏ । ସେ କହିଲେ—ମଧୁବାବୁଙ୍କର ସ୍ଥାନ ଯେ ଶୂନ୍ୟ ହୋଇଗଲା ତାହା ଆଉ ପୂର୍ଣ୍ଣ ହେବା ଭଳି ମୋତେ ଜଣା ଯାଉନାହିଁ । ତାଙ୍କଠାରେ ଭିନ୍ନଭିନ୍ନ ଗୁଣର ସମାବେଶ ହୋଇଥିଲା । ସେ ଉତ୍କଳରେ ପୁରାତନ କରଣ ବଂଶରେ ଜନ୍ମ ହୋଇ ତାଙ୍କଠାରେ ପୁରାତନ ଓ ଆଧୁନିକ ଶିକ୍ଷା ସଭ୍ୟତା ଯେପରି ଥିଲା, ଖ୍ରୀଷ୍ଟିୟାନ ସମ୍ପ୍ରଦାୟ ପାଦ୍ରୀମାନଙ୍କ ସମ୍ପର୍କରେ ଆସି ସେ ଖ୍ରୀଷ୍ଟ ଧର୍ମ ସଭ୍ୟତା ମଧ୍ୟ ହାସଲ କରିଥିଲେ । ସେ ବଙ୍ଗଳାର ଖୁବ ସମ୍ଭ୍ରାନ୍ତ ପରିବାର ସଙ୍ଗେ ସଂପୃକ୍ତ ରହି ମଧ୍ୟ ବଙ୍ଗଳା ଶିକ୍ଷା ସଭ୍ୟତାର ମହତ୍ତ୍ୱ ମଧ୍ୟ ଗ୍ରହଣ କରିଥିଲେ । ମୋ ଜାଣିବାରେ ଏ ତିନି ଅବସ୍ଥାର ସମାବେଶ ତାଙ୍କଠାରେ ଥିଲା । ମୁଁ ପ୍ରାୟ ୫୦ ବର୍ଷ କାଳ ତାଙ୍କ ସଙ୍ଗେ ମିଶିଛି । ତାଙ୍କ ଭଳି ପାଠୁଆ ଲୋକ ପାଇବା ବଡ଼ କଠିନ । ସେ ପୂର୍ଣ୍ଣ ପ୍ରାଣରେ ତାଙ୍କ ଦେଶକୁ ସ୍ନେହ କରୁଥିଲେ । ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ସେ ଆନ୍ତରିକ କାମନା କରୁଥିଲେ । ମୋର ଆଶା ତାଙ୍କ ଆଦର୍ଶ ସମସ୍ତଙ୍କୁ ଅନୁପ୍ରାଣିତ କରିବ । ୫୦ ବର୍ଷ ହେଲା ସେ ଏଠାର ଓକିଲାତି ବ୍ୟବସାୟରେ ଯୋଗ ଦେଲେ । ତାଙ୍କ ଭଳି ବିଚକ୍ଷଣ ଓକିଲ କ୍ୱଚିତ ଦେଖାଯାନ୍ତି । ସେ ପ୍ରଥମେ ଶିକ୍ଷାଶାସ୍ତ୍ରରେ ମଧ୍ୟ କାର୍ଯ୍ୟ କରିଥିଲେ । କଲିକତା ଗୋଡିଜନରୀ ସ୍କୁଲରେ ସେ ହେଡ଼ମାଷ୍ଟର ଥିଲେ । ମୁଁ ତାଙ୍କର ବହୁତ ମଧ୍ୟେ ଲ ବ୍ୟାକରଣ ଶିଖିଥିଲି । ସେ ସାର ଆଶୁତୋଷଙ୍କର ଗୃହଶିକ୍ଷକ ଥିଲେ । ସାର ଆଶୁତୋଷଙ୍କ ଇଂରାଜୀ ବକ୍ତୃତା ପରେ ତାଙ୍କୁ ଲୋକେ ପଚାରିଥିଲେ ଆପଣ କାହାଠାରୁ ଇଂରାଜୀ ଶିଖିଥିଲେ । ସେ ତାଙ୍କର ଗୁରୁ ମଧୁବାବୁଙ୍କର ନାମ କହିଥିଲେ । ଗତ ୪୦ ବର୍ଷ ଧରି ସେ ଓଡ଼ିଶାର ହୃତ୍‌ପିଣ୍ଡପରି ଥିଲେ । ବିହାର ଓଡ଼ିଶାର ମନ୍ତ୍ରୀ ନିର୍ବାଚିତ ହୋଇ ସେ ତାଙ୍କର ସ୍ୱାଧୀନତା, ସାହସ ଓ ଯୁକ୍ତିଯୁକ୍ତ ମୌଳିକତା ଦେଖାଇ ଥିଲେ । ଯାହାହେଉ ଭୁଲ ତାହାର, ଠିକ ତାହାର ସେ ତ ଅଲଗା କଥା, କିନ୍ତୁ ସେ ଯେ ସାହସ ଦେଖାଇ ୫ ହଜାର ଟଙ୍କାର ଦରମା ଛାଡ଼ି ଦେଇଥିଲେ ଏହା କମ କଥା ନୁହେ । ବୃଦ୍ଧ ଅବସ୍ଥାରେ ମଧ୍ୟ ହବାକ କମିଟିରେ ଯୋଗଦେଇ ସେ ବଡ଼ର କାର୍ଯ୍ୟ କରିଛନ୍ତି ସେ କଥା ମଧ୍ୟ ଜାନକୀ ବାବୁ ଉଲ୍ଲେଖ କରିଥିଲେ ।

ହାଇକୋର୍ଟ ଚିଫ୍‌ଜଜ ମାନ୍ୟବର ଜେମସ୍ କହିଲେ—ଓଡ଼ିଶାରେ ଆମେମାନଙ୍କ ଓକିଲ ବାରର ବଶିଷ୍ଠ ସଭ୍ୟ ଏବଂ ଓଡ଼ିଆ ଜାତିରେ ସୁପରିଚିତ ମିଷ୍ଟର ମଧୁସୂଦନ ଦାସଙ୍କ ପରଲୋକରେ ଆପଣମାନଙ୍କର ଯେ କ୍ଷତି ହୋଇଛି ଆମ୍ଭେମାନେ ମଧ୍ୟ ସେ କ୍ଷତି ଅନୁଭବ କରୁଛୁ । ପୂର୍ଣ୍ଣ ବୟସରେ ତାଙ୍କର ପରଲୋକ ହୋଇଗଲା । ତାଙ୍କର ବିଦ୍ୟା ଯେପରି, ସେ ପାଠୁଆ ଯେପରି, ଶାସ୍ତ୍ର କ୍ଷେତ୍ରରେ ଭାବୁକ ସେହିପରି, ଶିଳ୍ପ କ୍ଷେତ୍ରରେ କର୍ମଠ ସେହିପରି, ଓକିଲ ବ୍ୟବସାୟରେ ଜଣେ ଅଗ୍ରଣୀ ସେହିପରି, ରାଜ୍ୟ ଶାସନ ବ୍ୟବସାୟରେ ଜଣେ ଭାବୁକ ସେହିପରି । ଗଲା ଦୁଇ ପୁରୁଷ ଧରି ପ୍ରତି କ୍ଷେତ୍ରରେ ସେ ତାଙ୍କର ବିଶେଷତ୍ୱ ଦେଖାଇଛନ୍ତି । ଓଡ଼ିଶାର ଲୁପ୍ତ ଶିଳ୍ପ ଉଦ୍ଧାର ପାଇଁ ସେ ଖୁବ ଲାଗିଥିଲେ । ଇଂରେଜ ସାମ୍ରାଜ୍ୟର ସମ୍ରାଟଙ୍କ ଠାରୁ ସେ ପୁରସ୍କାର ପାଇଥିଲେ । ବିହାରର ପ୍ରଥମ ମନ୍ତ୍ରୀଙ୍କ ଭିତରୁ ସେ ଜଣେ ମନ୍ତ୍ରୀ ହୋଇଥିଲେ । ସେ ଓଡ଼ିଶାର କୁଳବୃଦ୍ଧ ଥିଲେ । ତାଙ୍କ ଜନ୍ମବେଳକୁ ଓଡ଼ିଶା ଇଂରେଜ ରାଜାଙ୍କର ପ୍ରତ୍ୟକ୍ଷ ଶାସନକୁ ନଗଦ ଆସିଥିଲା । ସେତେବେଳେ ରେଳରାସ୍ତା ମଧ୍ୟ ହୋଇ ନ ଥିଲା । ସେ ସମୟରେ ଓଡ଼ିଶା ପୃଥିବୀର ଭିତରେ ଏକପ୍ରକାର କ୍ଲେଶ ହୋଇ ରହି ଯାଇଥିଲା । ସେହି ଯୁଗରେ ସେ ସାଧନା କରି ଏ ବଳ ବୈଶିଷ୍ଟ୍ୟ ଲାଭ କଲେ । ଶେଷ ଜୀବନରେ ତାଙ୍କର ଅନେକ ଦୁର୍ଦ୍ଦଶା ଘଟିଲା । କିନ୍ତୁ ସେ ସାହସର ସହିତ ତାଙ୍କର କର୍ତ୍ତବ୍ୟ ନ ଛାଡ଼ି କାଳ କାଟି ନେଲେ । ସେ ତାଙ୍କ ଜୀବନ ମହତ୍ତ୍ୱ ଅର୍ଜି ଯାଇଛନ୍ତି । ବର୍ତ୍ତମାନ ତାଙ୍କ ଆତ୍ମା ଶାନ୍ତିରେ ରହୁ । ସେ ଆମ୍ଭମାନଙ୍କ ଗଭୀର ଅନ୍ଧକାରରେ ଆଲୋକ ଦେଖାଇ ଯାଇଛନ୍ତି । ଆମ୍ଭେମାନେ ତାଙ୍କର ବନ୍ଧୁବାନ୍ଧବଙ୍କ ପ୍ରତି ସହାନୁଭୂତି ଜଣାଉଛୁ ।

ଜଜ ଏ କଥା କହିଲା ପରେ ଅଳ୍ପ ସମୟ ପାଇଁ ହାଇକୋର୍ଟ ବନ୍ଦ ହେଲା ।

ରେଭେନସା କଲେଜର ଅନେକ ଛାତ୍ରମାନେ ଓ ଅଧ୍ୟାପକମାନେ ମଧୁବାବୁଙ୍କ ପରଲୋକରେ ଗଭୀର ଦୁଃଖ ପ୍ରକାଶ କରୁଛନ୍ତି । ହାଇକୋର୍ଟରେ ଚିଫ ଜଷ୍ଟିସ ମଧ୍ୟ ଦୁଃଖ ପ୍ରକାଶ କରି କଟକର ଓକିଲ ସଂଘକୁ ଚିଠି ଲେଖିଛନ୍ତି ।

—

ଖଡ଼ଗପୁରରେ ଶୋକସଭା

ଖଡଗପୁର ୭।୨।୩୪

ଖଡ଼ଗପୁର ଉତ୍କଳ ସେବା ସମିତି ପକ୍ଷରୁ ସମିତିଗୃହରେ ରାମସ୍ୱାମୀଙ୍କ ନେତୃତ୍ୱରେ ହରିଜନମାନଙ୍କର ଏକ ସଭା ହୋଇଥିଲା । ସେଥିରେ କୁଳବୃଦ୍ଧ ମଧୁବାବୁଙ୍କର ମୃତ୍ୟୁରେ ଶୋକ ପ୍ରକାଶ କରାଯାଇ ପ୍ରସ୍ତାବ ଗୃହୀତ ହୋଇଥିଲା । ସ୍ଥାୟୀ ସଭାପତି ଶ୍ରୀଯୁକ୍ତ ଦୁର୍ଯୋଧନ ବାରିକ ଇସ୍ତଫା ଦେବାରୁ ତାଙ୍କ ଜାଗାରେ ଶ୍ରୀ ଅଶ୍ୱ ରାମ ଅଗ୍ରୱାଲ ନିଯୁକ୍ତ ହେଲେ ।

—

ଉତ୍କଳ ଯାଦବ ସମିତି
କଲିକତାରେ ବାର୍ଷିକ ବୈଠକ,

କଲିକତା, ୫।୨।୩୪

ଗତକାଲି ଉତ୍କଳ ଯାଦବ ସମିତିର ୨୨ ନମ୍ବର ସୁକିୟାସ ଲେନସ୍ଥ ଅଫିସରେ ସମିତିର ବାର୍ଷିକ ଅଧିବେଶନ ହୋଇଯାଇଛି । ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ ସଭାପତି ହୋଇଥିଲେ । ସଂପାଦକ ବିଶ୍ୱନାଥ ରାୟଚୌଧୁରୀ ସମିତିର ୫ମ ଓ ୬ଷ୍ଠ ବାର୍ଷିକ ରିପୋର୍ଟ ପଢ଼ିଲେ । ଆଗାମୀ ବର୍ଷପାଇଁ କାର୍ଯ୍ୟ ନିର୍ବାହକ କମିଟି ଗଢ଼ାହେଲା—ସେଥିରେ ଶ୍ରୀଯୁକ୍ତ ବାସୁଦେବ ବାରିକ ସଭାପତି, ଶ୍ରୀଯୁକ୍ତ ଭିକାରୀଚରଣ ଦାସ ଉପସଭାପତି, ବିଶ୍ୱନାଥ ରାୟଚୌଧୁରୀ ସଂପାଦକ, ଦୁର୍ଗାଚରଣ ଦାସ ସହ: ସଂପାଦକ, ସାନନ୍ଦଚନ୍ଦ୍ର ଦାସ ଟ୍ରେଜରର ନିଯୁକ୍ତ ହେଲେ ।

ବିହାର ଭୂମିକମ୍ପରେ ସହାନୁଭୂତି ପ୍ରକାଶ, ମହାତ୍ମାଗାନ୍ଧୀଙ୍କୁ ଆଗାମୀ ଗସ୍ତବେଳେ ଅଭିନନ୍ଦନ ପତ୍ରଦେବା, ସମସ୍ତ ଓଡ଼ିଆ ଅଞ୍ଚଳରେ ଏକତ୍ରିକରଣ ଦାବୀକରିବା, ଯାଦବ ମାନଙ୍କର ଉନ୍ନତି କରିବା ପ୍ରଭୃତି ବିଷୟରେ ପ୍ରସ୍ତାବମାନ ପାସହେଲା ।

—

ବାଲେଶ୍ୱରରେ ଶୋକ ପ୍ରକାଶ

ବାଲେଶ୍ୱର, ତା ୫।୨।୩୪

ଅଦ୍ୟ ଏଠା ଏଜେଣ୍ଟ ପଡ଼ିଆରେ ଶ୍ରୀଯୁକ୍ତ ଡ, ପି, ଦାସଙ୍କ ସଭାପତିତ୍ୱରେ ଏକ ସଭା ହୋଇ କୁଳବୃଦ୍ଧ ମଧୁବାବୁଙ୍କ ପରଲୋକ ଲାଗି ଦୁଃଖ ପ୍ରକାଶ କରାଯାଇଥିଲା ଏବଂ ତାଙ୍କର ଆତ୍ମାର ସଦ୍‌ଗତି ପ୍ରାର୍ଥନା କରାଯାଇଥିଲା । ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଦୁଃଖରେ ସମବେଦନା ପ୍ରକାଶ କରାଗଲା ।

—

ଗୁରୁଅଡ଼ି ଶୋକସଭା
ମଧୁବାବୁଙ୍କ ମୃତ୍ୟୁରେ ଗଭୀର ଦୁଃଖ ପ୍ରକାଶ

ସତ୍ୟବାଦୀ, ତା ୫।୨।୩୪

ଏଠାରେ ଶ୍ରୀପୁରର ଭଗବାନ ମଣ୍ଡ ଜମିଦାରଙ୍କ ସଭାପତି କରାଯାଇ ସଭା ହେଲା । ଶ୍ରୀଯୁକ୍ତ ପଦ୍ମାକର ରଥ, ପ୍ରଭୃତି ଅନନ୍ତ ମିଶ୍ର, ଶ୍ରୀ ଗଦାଧର ରଥ ପ୍ରମୁଖ ମଧୁବାବୁଙ୍କର ଗୁଣଗାନ କରିଥିଲେ । ସମସ୍ତେ ଠିଆହୋଇ ମଧୁବାବୁଙ୍କର ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ଦୁଃଖ ପ୍ରକାଶ କରିଥିଲେ ।

—

ବ୍ରହ୍ମପୁର, ତା ୫।୨।୩୪

ବ୍ରହ୍ମପୁର ଯୁବକ ସଂଘର ଉଦ୍ୟମରେ ସ୍ଥାନୀୟ ଟାଉନ ସିଟି କୋର୍ଟହଲରେ ଏକ ସଭା କରାଯାଇ ସ୍ୱର୍ଗୀୟ କୁଳବୃଦ୍ଧ ମଧୁବାବୁଙ୍କର ପରଲୋକ ପ୍ରାପ୍ତିରେ ଶୋକ ପ୍ରକାଶ କରାଯାଇଛି ।

ସ୍ଥାନୀୟ ଓଡ଼ିଆ ମିଡ଼ିଲ ସ୍କୁଲରେ ମଧ୍ୟ ମଧୁବାବୁଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିବାଲାଗି ଅଦ୍ୟ ସଭା ହୋଇଥିଲା । ଏବଂ ସଭାରେ ତାଙ୍କର ଆତ୍ମାର ସଦ୍‌ଗତି ପ୍ରାର୍ଥନା କରାଯାଇଥିଲା ।

—

ମଧୁସ୍ମୃତି

"Here was a Caesar
when comes such another"?
Shakespeare.

ମଧୁସୂଦନ ବିୟୋଗ ଫଳରେ ଓଡ଼ିଶାରେ ଯେଉଁ ଅଭାବ ଘଟିଲା ତାହା ଆଉ ପୂର୍ଣ୍ଣ ହେବାର ନୁହେ । ତାଙ୍କ ଆସନ ତାଙ୍କ ଛଡ଼ା ଆଉ କିଏ ପୂର୍ଣ୍ଣ କରିବ ? ତାଙ୍କ ବିରାଟ ବ୍ୟକ୍ତିତ୍ୱ ଆଗେ ସମସ୍ତେ ନିଜକୁ ବାମନ ତୁଲ୍ୟ ବୋଧ କରୁଥିଲେ । ବାସ୍ତବିକ ଏହି ବାମନ-ଦେଶରେ ସେ ଏକାକୀ ଥିଲେ ବିରାଟ ପୁରୁଷ ଓ ତାଙ୍କ ବ୍ୟକ୍ତିତ୍ୱର ସମୁଚ୍ଚ-ଶିଖର ଗଗନ ଭେଦକରି ଏକା ଉତ୍କଳ ନାହିଁ ଭାରତ ବାହାରେ ମଧ୍ୟ ଜନତାର ଦୃଷ୍ଟି ଆକର୍ଷଣ କରିଥିଲା । ଏହି ଅନ୍ଧକାରାଚ୍ଛନ୍ନ ଦେଶରେ ମଧୁସୂଦନଙ୍କ ଭଳି ଏକମାତ୍ର ଆଲୋକ ସ୍ତମ୍ଭ । ତାଙ୍କ ଅନ୍ତେ ଆଜି ଯେ ପ୍ରବାସ ହୋଇଥାନ୍ତେ ଓଡ଼ିଆ-ଜାତି-ଇତିହାସରେ ମଧୁସୂଦନଙ୍କ ଅବ୍ୟାହତ ରଖି ସେହି ଗୋପବନ୍ଧୁ ଅନନ୍ତ ଧାମ ଯାଇ ଅଛନ୍ତି । ଓଡ଼ିଶା ଆଜି ପ୍ରକୃତ ପକ୍ଷେ ଅନାଥିନୀ । ଓଡ଼ିଶାର ଅମା-ଅନ୍ଧକାର ଆଉ କିଏ ଦୂର କରିବ । ଓଡ଼ିଆ ଜାତିର ସମୁଦାୟ ଶକ୍ତି ଯାହାଙ୍କଠାରେ କେନ୍ଦ୍ରୀଭୂତ କରି ଓଡ଼ିଆଙ୍କର ଉତ୍ଥାନ ହେବାକୁ ଆଉ କିଏ ଅଛି ? ଗୋଟିଏ ଶତାବ୍ଦୀ ଧରି ଯେ ଓଡ଼ିଶାର ଯୁଗମାନବ ଥିଲେ ସେ ଚାଲିଗଲେ । ତାଙ୍କ ଅନ୍ତେ ଯେଉଁ ଶତାବ୍ଦୀଟି ଅପୂର୍ଣ୍ଣ ରହିଲା ତାକୁ ଅଳଙ୍କାର କିଏ ଦେବ ? ବିରାଟ ଆଉ ଏ ପ୍ରଶ୍ନ ଉଠିଲେ ପ୍ରତିଧ୍ୱନି ଉତ୍ତର ଦେଉଛି "କିଏ ହେବ" ?

ସ୍ୱଜାତି ରାଜନୈତିକ ସତ୍ତ୍ୱ ପ୍ରତିଷ୍ଠା କରିବା ସମସ୍ତ ଜାତିର ଜନ୍ମଗତ ଦାବୀ । କିନ୍ତୁ ଏହି ଇତିହାସପ୍ରସିଦ୍ଧ ଓଡ଼ିଆ ଜାତିର ଏ ଦାବୀ ପ୍ରବଳ ପ୍ରତାପୀ ଇଂରେଜସରକାର ଏ ଯାବତ୍ ସ୍ୱୀକାର ନ କରି ଓଡ଼ିଶାକୁ ଖଣ୍ଡ ଖଣ୍ଡ କରି ଅନ୍ୟ ପାଖରେ ଯୋଡ଼ି ଦେଇ ଓଡ଼ିଆ ଜାତିକୁ ଘୋର ଅପମାନ ଦେଇ ଆସୁଥିଲେ । ଜୀବନବ୍ୟାପୀ ସଂଗ୍ରାମ ଫଳରେ ଉତ୍କଳ-କେଶରୀ ମଧୁସୂଦନ ଓଡ଼ିଆ ଜାତିର ଦାବୀକୁ ସରକାରଙ୍କ ସ୍ୱୀକାର କରାଇ ସ୍ୱତନ୍ତ୍ର ପ୍ରଦେଶର ଘୋଷଣା କରିବାକୁ ସରକାରଙ୍କୁ ବାଧ୍ୟ କରାଇଥିଲେ । ଓଡ଼ିଶା କମିଟିର ଏହି ମହାକାର୍ଯ୍ୟର ସମାଧା ଜାଣିନ୍ତେ ବୋଧହୁଏ ମଧୁସୂଦନ ଭଗବାନଙ୍କ ପ୍ରେରିତ ପ୍ରତ୍ୟାଦେଶ ମହାପ୍ରଭୁଙ୍କଠାରେ ମନ୍ତ୍ରୀପଦରୁ ଓହ୍ଲାଇ ଆସିଥିଲେ । ସେ କାର୍ଯ୍ୟ ସାଙ୍ଗ ହେଲା । "ବ୍ରହ୍ମ ପାଦକୁ ପାଶେ, ସ୍ୱର୍ଗ ଭୋଗ କର୍ମ ଦାବେ, କ୍ଷେତ୍ରସାପ ମୃତ୍ୟୁପଦ ସହିଁ ପଶନ୍ତୁ" ହେ ସ୍ୱଧାମ ଲଭି ତାଙ୍କର ଆତ୍ମା ବୋଧହୁଏ ବହୁତ ପିପାସିତ ହୋଇ ଉଠିଲା । ସେ ପ୍ରାଣ ସ୍ୱର୍ଗପୁରର ରଥ ରହୁ ବଳାଇ ଲାଗିଲେ । କିନ୍ତୁ ତାଙ୍କ ସିଂହାସନ ଖାଲି ରଖିଗଲେ କାହାପାଇଁ ? ତାଙ୍କ ଅନ୍ତେ କଳଙ୍କ-ମୋଚନ ହେବ କିଏ? ପ୍ରତିଧ୍ୱନି ଉତ୍ତର ଦେଉଅଛି "ତାହାପାଇଁ", "କିଏ" ।

କିନ୍ତୁ ଏ ଜଗନ୍ନାଥ-ଦେଶ ଯାହା କି ଶତ ଶତ ବର୍ଷ ଅବଧି ଅପରର ପାଦତଳେ ହୋଇ ରହିଥିଲା ଆଜି ମୁଣ୍ଡ ଟେକି ପାରିଅଛି ସେ ଆଜି ନେତୃ-ଶୂନ୍ୟ ହେଲେ ସୁଦ୍ଧା ପଥହରା ହେବା ଉଚିତ ନୁହେ । ଗୋପବନ୍ଧୁ ଯାଇଥିଲେ, ମଧୁସୂଦନ ଗଲେ । ଏମାନଙ୍କର ମରଣରୁ ବୁଝିବା ଉଚିତ ଯେ ଏମାନଙ୍କର ମାଟିର ଦେହ ମାତ୍ର ଯାଇଅଛି । ଏମାନଙ୍କର ଯେଉଁ ଦେହ ଏହି ଜାତିର ଅଚ୍ଛେଦ୍ୟ ସମ୍ପର୍କ ଥିଲା ସେ ଦେହ ଯାଇନାହିଁ, ଯିବନାହିଁ, ଯିବାର ନୁହେ । ଓଡ଼ିଆ ଜାତିର ମନ୍ତ୍ରଦ୍ରଷ୍ଟା ମଧୁସୂଦନଙ୍କ ମାଟିର ଦେହ ପ୍ରାୟ ଶତାବ୍ଦୀ ଏଠି ରହିଲା ନାହିଁ, କିନ୍ତୁ ଜାତିର ପୁନରୁଜ୍ଜୀବନ ଲାଗି ତାଙ୍କର ଉଦାତ୍ତ ଆହ୍ୱାନ ଯାହା ତାଙ୍କ ବାଣୀରୂପେ ତାଙ୍କ କଣ୍ଠରୁ ନିଃସୃତ ହୋଇଅଛି ସେ ସବୁ ଯେ କେତେ କେତେ ଶତାବ୍ଦୀ ଯାଏ ମଧୁସୂଦନଙ୍କୁ ଜୀବନ୍ତ ରଖିବ ତାହା କଳନା କରିବ କିଏ ? ଓଡ଼ିଶାର ଆଗାମୀ ବଂଶଧରଗଣ ମଧୁସୂଦନଙ୍କ ଜାତୀୟ ଗଗନର ଧ୍ରୁବତାରା ଦେଖି ପରମତୃପ୍ତ ହେବେ, ମୃତ୍ୟୁଞ୍ଜୟ ଶରୀରର ନାଶ ନ ମାନୁ ମାଳୋବତର ଦୁର୍ବଳତା ଯୋଗୁଁ ଶୋକନା କରିବୁ କେବଳ ଆମ୍ଭେମାନେ ।

ମଧୁସୂଦନ କହି, ଗୋପବନ୍ଧୁ କହି ଯେଉଁମାନେ ଜାତିର ଭାଗ୍ୟବିଧାତା ହୋଇ ଜନ୍ମ ହୁଅନ୍ତି ସେମାନଙ୍କ ପ୍ରାଣ ଅସାଧାରଣ ଭାବେ ଅଶାନ୍ତ । ଅନ୍ଧାର ଭିତରେ ଆଲୋକ ଦେଖିବା ସେମାନଙ୍କ ବିଶେଷତ୍ୱ । ଏହି ଶକ୍ତି ବିଶେଷତ୍ୱ ମଧୁସୂଦନଙ୍କଠାରେ କି ଅସାଧାରଣ ପରିମାଣରେ ଥିଲା ତାହା ତାଙ୍କ ସମ୍ପର୍କରେ ଯେଉଁମାନେ ଆସିଛନ୍ତି ସେ ଜାଣନ୍ତି । ଏକଦା ଜାତୀୟ ଅପ୍ରତ୍ୟାଶିତ ସମିତି ଗୃହରେ ଉପସ୍ଥିତ ହୋଇ ଅଧିବେଶନ ଭିତରେ ସେ ତାଙ୍କ ଅଶାନ୍ତ ପ୍ରାଣର ଜଳନ୍ତ କଥା ମୋ ହୃଦୟରେ ଜାଳିଦେଇ ବାହାରି ପଡ଼ିଲେ । ସେ କଥା କିଏ ସ୍ୱୀକାର କରିବ ନୁହେ ।

ତାଙ୍କ ସହିତ ଅନୁପ୍ରାଣିତ ହୋଇ ଉତ୍କଳର ଭବିଷ୍ୟତ ସମ୍ବନ୍ଧେ ମୁଁ ବରାବର କଳ୍ପନାର ରୂପେ ସ୍ୱପ୍ନ ଦେଖିଅଛି । ଏ ସ୍ୱପ୍ନରେ କେବେ ହେଲେ ବ୍ୟତିକ୍ରମ ହେବନାହିଁ ।

"ଶ୍ୟାମଳ ହାସ ହସିବେ ତୋ କେଦାରେ
ଶ୍ୟାମଳ—କାନ୍ତ ମଞ୍ଜୁ ପଲ୍ଲବେ ଶାଖେ
ଶ୍ୟାମ ସୁଷମା ତୋର ହେବ ମଧୁର
ଶୀର୍ଣ୍ଣ ହେବ ମୋ ଶୋକ-ତମସା-ଶିର" ।
"ଷୋଡ଼ଶ ଉପଚାରେ କାମନା—ଦେ
ଷଣ୍ମାସେ ପୂଜାକରୁ ଧ୍ରୁବ ସମ୍ପଦ;
ଷୋଡ଼ଶ ବର୍ଷ, ଅଫୁଟନ୍ତ ଯୌବନ—
ଷୋଡ଼ଶୀ ବାଳା—ରୂପ ହେବ ସଘନ ।"
"ଦିଗନ୍ତ ତୋ ଦୋଳା ତୋ ପଥ ବାଟେ
ସାଧବ କୋଳାହଳେ, ସୈନ୍ୟବ୍ୟୂହ ହାଟେ
ହଜନ ସତ ହେବ, ଦେବେ ମୁଖର
ସୁଜଳା ସୁଫଳା ମା ! ସୁବଳ ତୋର ।"
"ଦ୍ୱୀପ, ପଦ୍ମ, ଉଜ୍ଜ୍ୱଳ ସ୍ୱର୍ଣ୍ଣକଣିକ
ଭେଳାରେ ବିହରଣ, ଏକ ସଙ୍ଗେ ପ୍ରାଚ୍ୟ-
ହରପ୍ରିୟା—ଗହନେ ଅଛୁ ଯେତେ
ଦ୍ୱାରଦେଶେ ସଙ୍ଗୀ-ବନ୍ଧୁ ନେଇ ମା ! ତୋର ।"
(ମୁକୁରରେ ପ୍ରକାଶିତ ଉତ୍କଳ ସ୍ତୋତ୍ରରୁ—ଉଦ୍ଧୃତ)

ଧନ୍ୟ ଉତ୍କଳ ମଧୁସୂଦନ ମରଣ ଭୂମିର ପକ୍ଷେ ଅମରତ୍ୱର ସୋପାନ ମାତ୍ର ହେଲା ।

'ମାଟିଦେହ ଲୁପ୍ତ ହେଉ ପଛେ ଶ୍ମଶାନ'
ବାଙ୍ମୟ ଶରୀରେ ତୁମ୍ଭେ ଅମୃତ ପ୍ରାଣ ।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

ଶ୍ରୀ ବିଚ୍ଛନ୍ଦଚରଣ ପଟ୍ଟନାୟକ
ସମ୍ପାଦକ, ପ୍ରାଚୀ ।
ତା ୫।୨।୩୪

—

ଭୂମିକମ୍ପ ସାହାଯ୍ୟ

ବ୍ରହ୍ମପୁର, ତା୭।୨।୩୪

ଏଠା ମ୍ୟୁନିସିପାଲିଟି ବିହାର ଭୂମିକମ୍ପ ପାଇଁ ୨ଶହ ଟଙ୍କା ସାହାଯ୍ୟ ଦେବାର ସ୍ଥିର କରିଛନ୍ତି ।

ବ୍ରହ୍ମପୁରରେ ବିଜୁଳିଆଲୁଅର ବ୍ୟବସ୍ଥା ହେବା ବାଞ୍ଛନୀୟ ବୋଲି ମ୍ୟୁନିସିପାଲିଟି ବୋର୍ଡରେ ଏକ ପ୍ରସ୍ତାବ କରାଯାଇଛି ଏବଂ ସେ ବିଷୟରେ ଏକ ରିପୋର୍ଟ ତିଆରି କରିବା ସକାଶେ ଏକ କମିଟି ମଧ୍ୟ ଗଢ଼ାଯାଇଛି ।

—

ସମ୍ବଲପୁର ହାକିମଙ୍କ ବଦଳି

ସମ୍ବଲପୁର, ତା୮।୨।୩୪

ଏଠାର ସଦର ସବ୍‌ଡିଭିଜନ ଅଫିସର ମୌଲବୀ ସାହେବଙ୍କୁ ଘୁର୍‌ବସ ବଦଳି କରାଯାଇଛି ।

—

ନିଯୁକ୍ତିର ପ୍ରତିବାଦ
ବ୍ରହ୍ମପୁର ପତ୍ର

ବ୍ରହ୍ମପୁର, ତା୫।୨।୩୪

ଜନୈକ ବ୍ରହ୍ମପୁରବାସୀ ଜଣେ ଭଦ୍ରବ୍ୟକ୍ତି ନିମ୍ନଲିଖିତ ମର୍ମରେ ଲେଖିଛନ୍ତି—

ଏଠାର ମ୍ୟୁନିସିପାଲ ମଡ଼ୁଲର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ରାମଚନ୍ଦ୍ର ଆଚାର୍ଯ୍ୟଙ୍କ ପରଲୋକ ହୋଇଥିବାରୁ ଜଣେ ନୂଆ ଶିକ୍ଷକ ନିଯୁକ୍ତ ହେଲେ । ଏ ବିଷୟ ନେଇ ଏଠାରେ ବଡ଼ ଅସନ୍ତୋଷ ପ୍ରକାଶ ପାଉଛି । କେତେକ ଖୁବ୍ ଯୋଗ୍ୟତା-ସମ୍ପନ୍ନ ଏମ୍, ଏ ଓ ବି,ଏଡ଼, ପାସ୍‌କରା ପ୍ରାର୍ଥୀ ଥିଲେ । ସହକାରୀ ଶିକ୍ଷକ କେହି କେହି ମଧ୍ୟ ଉପରକୁ ଉଠି ସେ ସ୍ଥାନ ପାଇବେ ବୋଲି ଆଶା କରିଥିଲେ କିନ୍ତୁ ଜଣେ ଅନ୍‌ଟ୍ରେଣ୍ଡ, ବାହାରର ସାଧାରଣ ଗ୍ରାଜୁଏଟ୍‌ଙ୍କୁ ନିଯୁକ୍ତ କରିବାରୁ ସର୍ବସାଧାରଣ ଘୋର ଅସନ୍ତୁଷ୍ଟ । ଏ ସ୍କୁଲ ମ୍ୟୁନିସିପାଲିଟି କର୍ତ୍ତୃକ ପରିଚାଳିତ ହେଉଥିଲେ ସୁଦ୍ଧା ଏହାର ସବୁ ଖର୍ଚ୍ଚ ପ୍ରାଦେଶିକ ଗ୍ରାଣ୍ଟରୁ ମିଳେ । ମ୍ୟୁନିସିପାଲିଟି ... ପ୍ରାର୍ଥୀ ... ଶିକ୍ଷକ ... ପ୍ରାର୍ଥୀ ଏଠାରୁ ସେ ଟ୍ରେନିଂ ନେଇଛନ୍ତି ବୋଲି କର୍ତ୍ତୃପକ୍ଷ ନାପସନ୍ଦ କରିଥିବା କଥା ଚଳେ ପ୍ରକାଶ ପାଇଥିଲା । ସେ ପୁଣି ପ୍ରଧାନ ଶିକ୍ଷକ ହେବାପାଇଁ ମଞ୍ଜୁର କରିବା କଥା ବିଶ୍ୱାସ କରୁ ନାହାନ୍ତି । କୌଣସି ପ୍ରାର୍ଥୀ ଡିରେକ୍ଟରଙ୍କଠାରୁ ଏଥିର ପ୍ରତିକାର ପାଇଁ ଦରଖାସ୍ତ କରିଥିବା ପ୍ରକାଶ ।

—

ଡାକଘର ଅସୁବିଧା

ଯେପାପୁର, ତା ୩।୨।୩୪

ଯେପାପୁର ଡାକଘର ଏବେ ସ୍ଥାନାନ୍ତରରୁ ଉଠାଯାଇ ଗାଁ ଭିତରେ ଗୋଟିଏ ଘର ଭଡ଼ାରେ ହୋଇଛି । ଲୋକଙ୍କୁ ଏଥିରେ ବଡ଼ ଅସୁବିଧା ହେଉଛି । କର୍ତ୍ତୃପକ୍ଷ ଏଥିର ସୁବିଧା କରିବେ କି ?

—

ହଇଜା କମିଛି

ଡାଳନା, କଟକ ତା ୨।୨।୩୪

ଏ ମୌଜାରୁ ହଇଜା କମିଯାଇଛି । ଡାକ୍ତର ଆସି ଇନ୍‌ଜେକସନ ଦେଇଛନ୍ତି ।

ଏ ଅଞ୍ଚଳରେ ବର୍ତ୍ତମାନ ଡାଲୁଅ ବୁଣା ଆରମ୍ଭ ହେଲାଣି ।

ମାଃ ଅରେ ବାବୁ କାଶୀନାଥ ଦାସଙ୍କ ବାସଭବନ ଠାରେ ନିତ୍ୟାନନ୍ଦ ଜନ୍ମୋତ୍ସବ ଖୁବ ସମାରୋହରେ ହୋଇଯାଇଛି । ଲୋକେ ଏଥିରେ ଖୁବ ଉତ୍ସାହରେ ଯୋଗ ଦେଇଥିଲେ ।

—

ସମ୍ବାଦଦାତାଙ୍କ ପ୍ରତି

ଅନେକ ସମ୍ବାଦ ଅଳ୍ପ ସ୍ଥାନାଭାବରୁ ପ୍ରକାଶ କରିପାରି ନାହୁଁ । ପରବର୍ତ୍ତୀ ସଂଖ୍ୟାମାନଙ୍କରେ କ୍ରମେ କ୍ରମେ ପ୍ରକାଶ ପାଇବ ।

ସମ୍ପାଦକ, ସମାଜ

ବିହାର ଦୃଶ୍ୟ

ପୁରୀ ସେବାସମିତି ସ୍ୱେଚ୍ଛାସେବକ ବିହାରରୁ ଫେରିଲେ

(ନିଜ ପ୍ରତିନିଧିଙ୍କଠାରୁ)

କଲିକତା, ତା ୩।୨।୩୪

ପୁରୀ ସେବାସମିତି ସ୍ୱେଚ୍ଛାସେବକମାନଙ୍କ ମଧ୍ୟରୁ ଡାକ୍ତର ଶଙ୍କରଦାସ ଓ ମାଗୁଣି ନନ୍ଦ ମୁଜାଫରପୁରଠାରୁ ଫେରିଆସି ସକାଳେ କଲିକତାରେ ପହଞ୍ଚିଲେ । ବାବୁ ମୁରଲି- ତ୍ରିପାଠୀ ସ୍ୱେଚ୍ଛାସେବକମାନଙ୍କର ତାଲିକା କରିବାକାମ ଶେଷକରି ତା ୫ ରିଖ ଦିନ ପୁରୀ ଫେରିବେ । ମୁଜାଫରପୁରଠାରେ ବର୍ତ୍ତମାନ ବହୁତ ଡାକ୍ତର ହୋଇଗଲେଣି, ତେଣୁ ସେଠାରେ ବର୍ତ୍ତମାନ ବିଶେଷ ମେଡ଼ିକାଲ୍ ରିଲିଫ୍ ଦରକାର ହେଉନାହିଁ ।

ବିହାରକୁ ବଙ୍ଗଳାର ସହାନୁଭୂତି

ଅଦ୍ୟଦିନ ୪ଟା ବେଳେ ଶ୍ରୀଯୁକ୍ତ ଜ୍ୟୋତିଷ ... ଶ୍ରୀ ରାମାନନ୍ଦ ବସୁ ଅଡ୍‌ଭୋକେଟ, ଶ୍ରୀଯୁକ୍ତ ଶରତ୍‌କୁମାର ସେନ ବାରିଷ୍ଟର ଓ ଶ୍ରୀ କାଳୀ... ବସୁ ଅଡଭୋକେଟ ପ୍ରମୁଖ ପ୍ରାୟ ୧୦୦ଲୋକ ଗୋଟିଏ ଶୋଭାଯାତ୍ରା କରି ... ଠାରୁ ହରି- ... ପର୍ଯ୍ୟନ୍ତ ଦୋକାନଦାରମାନଙ୍କ- ଠାରୁ ବିହାରକୁ ସାହାଯ୍ୟଦେବା ସକାଶେ ଭିକ୍ଷା ମାଗୁଥିଲେ । ଉକ୍ତ ଶୋଭାଯାତ୍ରାରେ ପ୍ରାୟ ଟ ୧୧୫୯ ଟା ପର୍ଯ୍ୟନ୍ତ ଅଦାୟ ହୋଇଛି । ଅନ୍ୟ ମଧ୍ୟ ମାଷ୍ଟର ଅନିଲ ବସୁ ଓ ପ୍ରଫେସର ବାନର୍ଜି ପ୍ରଭୃତି ... ଅବଳା ... ଶ୍ରୀ ... ଅଦ୍ୟାବଧି ସ୍ଥିରକରି ଅର୍ଥଠାରୁ ... ବ୍ୟୟ କରୁଛନ୍ତି ।

କଲିକତା ଓ ଓଡ଼ିଆସମାଜ

ଅଦ୍ୟରାତ୍ରୀ ୭ଟା ସମୟରେ ମୁଁ ... ବାସ୍ତବ ଅନୁରୋଧରେ ଓଡ଼ିଆସମାଜକୁ ଯାଇଥିଲି । ସେଠାରେ ଶ୍ରୀଯୁକ୍ତ ଅକ୍ଷୟକୁମାର ଦାସ, ବନମାଳୀ ..., ଦାମୋଦର ମହାନ୍ତି, ... ପ୍ରଭୃତି ... ଯୁବକମାନଙ୍କ ସହିତ ... ହୋଇଥିଲା । ଉକ୍ତ ଓଡ଼ିଆମାନଙ୍କ ମଧ୍ୟରୁ ଅଧିକାଂଶ କଲେଜରେ ପଢ଼ନ୍ତି । ସେମାନଙ୍କୁ ପଚାରିବାରୁ ସେମାନେ କହିଲେ ଯେ ଏଠାରେ ... ବି, ଏ, କ୍ଲାସ ପର୍ଯ୍ୟନ୍ତ ଓଡ଼ିଆ- ମାନଙ୍କ ମଧ୍ୟରୁ ... ଓଡ଼ିଆମାନଙ୍କର ... ସଙ୍ଘ ହୁଏ । ସେଥିରେ ଓଡ଼ିଆମାନଙ୍କର ... ଓ ଏଠା ଅସୁବିଧା ବିଷୟରେ ଆଲୋଚନା ହୁଏ ।

ଭବିଷ୍ୟତରେ ୭।୬ଟା ବେଳକୁ ଉକ୍ତ ସ୍ଥାନକୁ ... ଆସିଲେ ଓ ସେମାନେ ... ଧରି ପାଠଚକ୍ର ଆରମ୍ଭ କଲେ । ବିହାରକୁ ସାହାଯ୍ୟଦେବା ସକାଶେ ସେମାନେ ... ଚାନ୍ଦା ସଂଗ୍ରହ କରୁଛନ୍ତି । ... ଓଡ଼ିଆସମାଜ ଓଡ଼ିଶାକୁ ... ସମୟରେ ଯଥାଶକ୍ତି ସାହାଯ୍ୟ କରି- ଥିଲେ । ଉକ୍ତ ଓଡ଼ିଆ ସମାଜରେ ସବୁ- ଶ୍ରେଣୀର ଲୋକ ଅଛନ୍ତି । ସେମାନେ ନିଜ- ... ରେ ନିଜ ନିଜର କର୍ତ୍ତବ୍ୟ ସାର ... ୫ଟା ଠାରୁ ... ପାଠଚକ୍ର ଓ ଶନିବାରଦିନ ... ଚାଲେ । ... ଉକ୍ତ ସମାଜଟି ... ଚଳେ ତାହେଲେ ଆମ ... ଯଥେଷ୍ଟ ଉପକାର ହେବ । ... ମଧ୍ୟ ଉକ୍ତ ସମାଜକୁ ସ୍ୱର୍ଗୀୟ ଗୋପବନ୍ଧୁ ..., ପଣ୍ଡିତ ଲିଙ୍ଗରାଜ ମିଶ୍ର, ଶ୍ରୀଯୁକ୍ତ ହରେ- କୃଷ୍ଣ ମହତାବ ଯଥେଷ୍ଟ ସାହାଯ୍ୟ କରିଛନ୍ତି ।

ଲେଲିହିଘାଟରେ ଅଦ୍ଭୁତ ବିଦ୍ୟାଳୟ

ଏଠାରେ ମାରୁଆଡ଼ିମାନଙ୍କର ଗୋଟିଏ ଅନ୍ଧ ବିଦ୍ୟାଳୟ ହୋଇଛି । ଉକ୍ତ ବିଦ୍ୟା- ଳୟରେ ଶିକ୍ଷକ ୨ଜଣ ଓ ଛାତ୍ର ୫୦ଜଣ ଅଛନ୍ତି । ସେମାନଙ୍କର ସମସ୍ତ ଖର୍ଚ୍ଚ ମାରୁଆଡ଼ି- ମାନଙ୍କ ଦ୍ୱାରା ଚଳୁଅଛି । ଉକ୍ତ ବିଦ୍ୟା- ଳୟଟି ହେବା ସକାଶେ ସ୍ଥାନୀୟ ଜମିଦାର ... ଦାସ ଚୌଧୁରୀ ସ୍ଥାନଟି ଦେଇ- ଛନ୍ତି । ସ୍କୁଲଟି ... ବର୍ତ୍ତମାନ ଚଳୁଅଛି ।

—:—

ସହର ଓ ମଫସଲ ହାଲ

ଟାଙ୍ଗିନାରେ ଚମକ

ଖଇରପଡ଼ା, ତା ୨୪।୧।୩୪

ମହାତ୍ମା ଗାନ୍ଧିଙ୍କ ଆଗମନ ସମ୍ବାଦ ଲୋକଙ୍କ ମଧ୍ୟରେ ପ୍ରଚାର କରିବାପାଇଁ ... ହାଟରେ ଜଣେ ସ୍ୱେଚ୍ଛାସେବକ ନୋଟିସ୍ ବାଣ୍ଟୁଥିଲେ । ଗୋବିନ୍ଦପୁର ଥାନାର ଜମାଦାରବାବୁ ସେ ନୋଟିସ ସବୁ ଛଡ଼ାଇ- ନେଇଗଲେ । ମହାତ୍ମାଙ୍କ ତ କୌଣସି ରାଜ ନୈତିକ ଆନ୍ଦୋଳନ ସମ୍ବନ୍ଧରେ ଆସୁନାହାନ୍ତି । ପୋଲିସଙ୍କର ଏପରି କୋପଦୃଷ୍ଟି କାହିଁକି ?

ଶୁଣାଯାଏ ଡାକ୍ତର ; କ୍ରିପ୍ସନସେନ୍‌ଙ୍କ ... ସବ୍‌ଇନସ୍‌ପେକ୍ଟରବାବୁ ନୋଟିସ୍ କେତେଖଣ୍ଡ ରଖି ବାକିସବୁ ଫେରାଇ ଦେଇଛନ୍ତି ।

ସାରଦା ଆଇନ ଭଙ୍ଗହେଲା

ଏ ଅଞ୍ଚଳରେ ବହୁତ ବାଲ୍ୟବିବାହ ଏଥି ମଧ୍ୟରେ ହୋଇଛି । ନାଗରିକ ସମିତିପକ୍ଷରୁ ଏ ବିଷୟରେ ପ୍ରଚାରହେବା ଦରକାର ।

ରାସ୍ତା ଅସୁବିଧା

ଗୋବିନ୍ଦପୁର ଠାରୁ କଣ୍ଟାପଡ଼ା ... ନଅଳ ପର୍ଯ୍ୟନ୍ତ ଗୋଟିଏ ରାସ୍ତା କରିବାପାଇଁ ଅନେକଦିନରୁ ଲୋକେ ଆବେଦନ କରୁଅଛନ୍ତି । ଏ ଅଞ୍ଚଳରୁ ଯିବାଆସିବା କରିବା ଏବଂ ଗାଡ଼ି ... ନେବା ଆଣିବା କରିବାର ସୁବିଧାହେବ । ଲୋକାଲ ସରକାର ହାକିମ ଓ ବୋର୍ଡ କର୍ତ୍ତୃପକ୍ଷ ଅନୁଭବ କଲେ ସୁଦ୍ଧା ସେ ବିଷୟରେ ସବୁବେଳେ ଉଦାସୀନ । ଅତଏବ ଏ ଦୁର୍ଭିକ୍ଷ ସମୟରେ ଯଦି ରାସ୍ତାର କାର୍ଯ୍ୟ ଆରମ୍ଭ ହୁଅନ୍ତା ତେବେ ଗରିବ ମୂଲିଆ ଅନେକ ବଞ୍ଚିଯାନ୍ତେ ।

ବସନ୍ତ ବ୍ୟାପିଲା

ନାହାଳ ପୁରରେ ବସନ୍ତ ପ୍ରାୟ ଦେଢ଼ମାସ ହେବ ଲାଗିରହିଅଛି । ଗୋଟିଏ ଗୋଟିଏ ମରୁଛନ୍ତି । ସେଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟିଦେବା ଉଚିତ ଦରକାର ।

—:—

ବିହାର ଭୂମିକମ୍ପପାଇଁ ମେଜେଷ୍ଟ୍ରେଟଙ୍କ ଯୋଗାଡ଼

ପୁରୀ, ତା ୪।୨।୩୪

କାଲି ସନ୍ଧ୍ୟା ୫ ଘଣ୍ଟା ସମୟରେ ପୁରୀଜିଲ୍ଲା ସ୍କୁଲ ହଲରେ ଜିଲ୍ଲା ମେଜେଷ୍ଟ୍ରେଟ ମିଷ୍ଟର ... ସଭାପତିତ୍ୱରେ ଏକ ସାଧାରଣ ସଭା ହୋଇଥିଲା, ଏସଭା ସମ୍ବାଦ ନିଜେ ଜଣାଇଥିଲେ । ପ୍ରଥମେ ସଭାପତି ବିହାରର ଭୂମିକମ୍ପ ବିଷୟ ଲୋକମାନଙ୍କର ଅବସ୍ଥା ବର୍ଣ୍ଣନାକରି ଯଥାସାଧ୍ୟ ଅର୍ଥସାହାଯ୍ୟ କରିବା- ପାଇଁ ଉପସ୍ଥିତ ସଭ୍ୟମାନଙ୍କୁ ଅନୁରୋଧ କରିଥିଲେ । ତାପରେ ରାୟସାହେବ ଶିରିଶ ଚନ୍ଦ୍ର ଘୋଷ, ଓକିଲ ବାବୁ ଜଗବନ୍ଧୁସିଂହ, ବକ୍ତୃତା କଲେ । ତାପରେ ପଣ୍ଡିତ ବାସୁଦେବ ମିଶ୍ର କନ୍‌ଭୋକେସନରେ ଯୋଗଦେବାପାଇଁ ଗଲାବେଳେ, ଭୂମିକମ୍ପ ପ୍ରପୀଡ଼ିତ ବିହାର- ବାସୀଙ୍କର ଯାହା ଅବସ୍ଥା ଦେଖି ଆସିଥିଲେ, ଏ ଭୂମିକମ୍ପବେଳେ ନିଜେ କିପରି ଅବସ୍ଥା ପାଇଲେ (ମୁଜାଫରପୁର ଠାରେ ଅନୁଭବ କରିଥିଲେ, ତା ସବୁ କରୁଣ ସ୍ୱରରେ ସଭାରେ ବର୍ଣ୍ଣନା କରିଥିଲେ । ଶେଷରେ ସଭାପତି, କିଏ କେତେ ଭୂମିକମ୍ପ ସାହାଯ୍ୟ ଉଦ୍ଦେଶ୍ୟରେ ଦେବେ, ପ୍ରକାଶକରନ୍ତୁ, ମୁଁ ନିଜେ ଦେଢ଼ଶହ ଟଙ୍କା ଦେବି, କହିବାରୁ ରାୟ ବାହାଦୁର ଲୋକନାଥ ମିଶ୍ର ଟ ୧୦୦୯ ... ୧୫୦୯ ... ଶିରିଶବାବୁ, ... ଗୋଲେଷ୍ଟାମୀ ଟ ୫୦୯ ଲେଖାଏଁ ଦେଇଥିଲେ, ଏବଂ ଅନ୍ୟ ଅନେକ ଯେ ଯାହାର ଶକ୍ତି ଅନୁସାରେ ଦେଇଥିଲେ । ପ୍ରାୟ ଦୁଇହଜାର ଉପରେ ଟଙ୍କା ଅଦାୟ ହେବାର ପ୍ରତିଶ୍ରୁତି ମିଳିଥିଲା ।

ପୁରୀ ରାଜା ଟ ୫୦୦୯ ଓ ମାଡ଼ଗୁଲରାଣୀ ଟ ... ଦେବେବୋଲି ଆଗରୁ ଜଣାଇଥିଲେ । ସଭାରେ ପ୍ରାୟ କଲେକ୍ଟର ଡେପୁଟି ଓଗେର ସମସ୍ତ ଅମଲା ଓ କେତେକ ବାହାର ଲୋକ ଯୋଗ ଦେଇଥିଲେ ।

ମ୍ୟୁନିସିପାଲିଟି, ଡିଷ୍ଟ୍ରିକ୍ଟବୋର୍ଡ, ହାଇସ୍କୁଲ ଛାତ୍ରଙ୍କୁ ଚାନ୍ଦା ସଂଗ୍ରହ ଉଦ୍ୟମ କରାଯାଉଛି, ଚାନ୍ଦା ସଂଗ୍ରହ କରିବା ଉଦ୍ଦେଶ୍ୟରେ ଗୋଟିଏ ସଭା ଡକାଯାଇଛି । ତହିଁ କଲେକ୍ଟର ସଭାପତି, ସଦର ଏସ୍, ଡି, ଓ, ସଂପାଦକ ହୋଇଅଛନ୍ତି ।

ସହରରେ ସଭା ଶୋଭାଯାତ୍ରା ବାରଣ

ଉତ୍କଳଦିବସ ତଳେ ସହରରେ ଢେଣ୍ଡୁରା ଦେଇ, ଘୋଷଣା ଜଣାଇ ଦେଇଛନ୍ତି ଯେ ମେଜେଷ୍ଟ୍ରେଟଙ୍କ ବିନା ଅନୁମତିରେ ସହରରେ କେହି ସଭା ଶୋଭାଯାତ୍ରା କରି ପାରିବେନାହିଁ । କେତେଦିନହେଲା ଏ ପ୍ରଥା ନଥିଲା, ଏବେ କାହିଁକି ଏପରି କରାଗଲା, ତାହା ଜଣା ଯାଉନାହିଁ ।

—:—

ହୋମିଓ କଲେଜ ଛାତ୍ରଙ୍କ ପାଇଁ [ସୁଯୋଗ]

ପୁରୀରେ ବଡ଼ ଦାଣ୍ଡ ପୂର୍ଣ୍ଣଚନ୍ଦ୍ର ଲଜରେ ଯେଉଁ ହୋମିଓ କଲେଜ ଖୋଲା ଯାଇଅଛି ତାହା ପୁରୀର ଛାତ୍ରମାନଙ୍କ ପକ୍ଷରେ ଏକ ସୁବର୍ଣ୍ଣ ସୁଯୋଗ ଅନେକ ଛାତ୍ର ଆସି ନାମଧାମ ଲେଖାଇ ସାରିଲେଣି । ଚଳିତମାସ ୧୫ତାରିଖ ପର୍ଯ୍ୟନ୍ତ ଛାତ୍ରମାନଙ୍କୁ ଗ୍ରହଣ କରାଯିବ । ଯେଉଁମାନେ କଲେଜରେ ପଢ଼ିବାକୁ ଇଚ୍ଛାକରନ୍ତି, ସେମାନେ ଉପରୋକ୍ତ ତାରିଖ ମଧ୍ୟରେ କଲେଜର ପ୍ରିନ୍‌ସିପାଲ ଡାକ୍ତର ଜଗନ୍ନାଥ ଚୌଧୁରୀଙ୍କ ନିକଟରେ ଆସି ଜଣାନ୍ତୁ ।

ଭୂମିକମ୍ପ ଚାନ୍ଦା ଆଦାୟ

ବିହାର ଭୂମିକମ୍ପ ଉଦ୍ଦେଶ୍ୟରେ ସହରର ଦୋକାନ, ବଜାର, ସ୍କୁଲ ମ୍ୟୁନିସିପାଲିଟି, ଡିଷ୍ଟ୍ରିକ୍ଟବୋର୍ଡ ପ୍ରଭୃତି ସମସ୍ତ ଅନୁଷ୍ଠାନ ମାନଙ୍କରୁ ପୁରୀ କଲେକ୍ଟରଙ୍କ ଯୋଗାଡ଼ରେ ଚାନ୍ଦା ଅଦାୟ ହେଉଅଛି ।

—:—

ଗଞ୍ଜାମ ସମ୍ବାଦ

ରମ୍ଭା, ୫।୨।୩୪

ଅଦ୍ୟ ସକାଳ ପ୍ରାୟ ୧୦ ଘଣ୍ଟା ସମୟରେ ସ୍ଥାନୀୟ ... ପାଠାଗାରଠାରେ ଶ୍ରୀଯୁକ୍ତ ... ନାଥ ... ମହାପାତ୍ରଙ୍କ ସଭାପତିତ୍ୱରେ ଗୋଟିଏ ସଭା ହୋଇ ସେଥିରେ ଉତ୍କଳର କୁଳବୃଦ୍ଧ ସ୍ୱର୍ଗତଃ ମଧୁସୂଦନଙ୍କ ବିୟୋଗରେ ଦୁଃଖ ପ୍ରକାଶ କରାଯାଇ, ପରଲୋକଗତ ଆତ୍ମାର ସଦ୍‌ଗତି କାମନାରେ ପ୍ରାର୍ଥନା କରାଯାଇଥିଲା ଏବଂ ତାଙ୍କର ଆତ୍ମୀୟମାନଙ୍କ ସଙ୍ଗେ ସମବେଦନା ଜ୍ଞାପନ କରାଯାଇ ସଭାଭଙ୍ଗ ହେଲା । ବର୍ତ୍ତମାନ ଯୁବକ ସମ୍ମିଳନୀ ସମ୍ବନ୍ଧେ କେତେକ ପ୍ରସ୍ତାବ ହୋଇ ଥିଲା; କିନ୍ତୁ ମଧୁବାବୁଙ୍କ ବିୟୋଗ ବାର୍ତ୍ତା ହଠାତ୍ ପାଇଥିବାରୁ ସେ ସମସ୍ତ ସ୍ଥଗିତ ରଖାଯାଇଥିଲା ।

—:—

ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ବୋର୍ଡପାଇଁ ପ୍ରତିନିଧି ନିର୍ବାଚନ

ବ୍ରହ୍ମପୁର, ତା ୫।୨।୩୪

କାଲି ସନ୍ଧ୍ୟା ୩ଟାବେଳେ ଏଠା ସମବାୟ ବ୍ୟାଙ୍କ ହତାରେ ବ୍ୟାଙ୍କ ସାଧାରଣ ଦଳ ସଭ୍ୟର ଏକ ଅଧିବେଶନ ହୋଇଥିଲା । ପଲ୍ଲୀରୁ ଉର୍ଦ୍ଧ୍ୱ ... ପ୍ରାୟ ପ୍ରାଥମିକ ସମିତି ପ୍ରତିନିଧି ସେଥିରେ ଯୋଗ ଦେଇଥିଲେ । ବ୍ୟାଙ୍କର ସଭାପତି ଶ୍ରୀଯୁକ୍ତ ... ୧୦ ଦିନ ତଳେ ସ୍ୱର୍ଗାରୋହଣ କରିଥିବାରୁ ତାଙ୍କ ନିମନ୍ତେ ଶୋକ ପ୍ରକାଶ କରି ନିର୍ବାଚନ ସ୍ଥଗିତ ହେଲା । ତାଙ୍କ ମୃତ୍ୟୁ ଉପଲକ୍ଷେ ସଭା କାର୍ଯ୍ୟ ଏକମାସ ସ୍ଥଗିତ ରଖିବା ପାଇଁ ପ୍ରସ୍ତାବ ଉଠିଲା । ଅନ୍ୟ ଦଳେ ଏକମାସ ପରିବର୍ତ୍ତେ ଦଶ ମିନିଟ ମାତ୍ର ସଭା ସ୍ଥଗିତ ରଖିବା ପାଇଁ ସଂଶୋଧନ ପ୍ରସ୍ତାବ ଆଣିବାରୁ ଭୋଟ ନିଆଗଲା । ଅଧିକାଂଶ ସଭ୍ୟ ଦଶମିନିଟ ସପକ୍ଷରେ ଭୋଟ ଦେଇଥିଲେ । ଏଥିରେ ବିପକ୍ଷଦଳ ହାତଉଠା ଭୋଟ ପରିବର୍ତ୍ତେ ଲିଖିତ ଭୋଟ ଦାବୀ କରିଲେ । ସଭାର ସଭାପତି ମି, ସୂର୍ଯ୍ୟନାରାୟଣ ମୂର୍ତ୍ତି ଛିଡ଼ାହୋଇ କହିଲେ ଯେ ଏ ଗୋଳମାଳରେ ସେ ନିଜ ମୁଣ୍ଡରେ ଦାୟିତ୍ୱ ନେଇ ଏକମାସ କାଳ ସଭା ସ୍ଥଗିତ ରଖିବେ । ଏପର୍ଯ୍ୟନ୍ତ ସମସ୍ତ କଥାବାର୍ତ୍ତା ଇଂରେଜୀ ଓ ତେଲଗୁରେ ଚାଲିଥିଲା । ଶତାଧିକ ଓଡ଼ିଆ ପ୍ରତିନିଧି ଉପସ୍ଥିତ ହୋଇ ସଭାପତିଙ୍କୁ ... କହାଇଲେ । ମିଃ ... ପୁଣି ଏକ ଗୋଳ ଦାବୀ କରିବାରୁ ଗଣ୍ଡଗୋଳ ପୁଣି ବଢ଼ିଲା । ସମିତି ପ୍ରତିନିଧି- ମାନେ ସଭାପତିଙ୍କ ... ରେ ଘୋର ଅସନ୍ତୋଷ ପ୍ରକାଶ କରିବା ଦେଖି ସଭାପତି ଶାନ୍ତ ହୋଇପଡ଼ିଲେ । ପରେ ସଭାର କାର୍ଯ୍ୟ ଯଥାମତ ଚାଲିଥିଲା । ... ଗୋଟି ସମବାୟ ମଣ୍ଡଳ ଯଥା ... , ... ଓ ଇଚ୍ଛାପୁର ପାଇଁ ପ୍ରତିନିଧି ନିର୍ବାଚିତ ହେଲେ । ପରେ ବ୍ୟାଙ୍କ ... ମଧ୍ୟରୁ ୭ ଜଣ ସ୍ଥାନ ପାଇଁ ବାଇଶି ଗୋଟି ମନୋନୟନ ହେଲା ଏବଂ ଭୋଟ ନେଇ ନିର୍ବାଚନ ହେଲାବେଳକୁ ରାତ୍ରି ଆଠଟା ହେଲା । ସଭ୍ୟମାନେ ସଭା ଛାଡ଼ି ଚାଲିଗଲେ, ସଭାପତି ଅସମ୍ମତି ଜଣାଇ ସଭା ଛାଡ଼ିଲେ । ପୂର୍ବବୋର୍ଡରୁ ୭ ଜଣ ... ମଧ୍ୟରୁ ଜଣେ ମାତ୍ର ଏଥର ପୁନର୍ନିର୍ବାଚିତ ହୋଇଥିଲେ ।

ସ୍ୱରାଜ ପାର୍ଟି ବୋଲି ଗର୍ବ କରି ଯେଉଁମାନେ ଏଥର ବୋର୍ଡପାଇଁ ନିର୍ବାଚିତ ହେଲେ, ସେଥିମଧ୍ୟରୁ କେହି କେହି ଗଭର୍ଣ୍ଣରଙ୍କ ଆଗମନ ବେଳେ ବିଶୁଦ୍ଧ ବିଦେଶୀ ପରିଧାନ କରି ଗାନ୍ଧିଙ୍କ ଆଗମନ ବେଳକୁ କାର୍ଯ୍ୟରୁ ଅବସର ଗ୍ରହଣ କରନ୍ତି ।

ଗଞ୍ଜାମ ଜିଲ୍ଲାରେ ଦୁଇଟି ସମବାୟ ବ୍ୟାଙ୍କ ଅଛି । ସମଗ୍ର ଘୁମୁସର ଅଞ୍ଚଳର ... ସମିତିମାନଙ୍କୁ ଋଣ ଦେବାପାଇଁ ଆସିକା କେନ୍ଦ୍ର ବ୍ୟାଙ୍କ ଓ ... କୋଟଠାରୁ ସିକାକୋଲ ଯାଏ ଦକ୍ଷିଣ ପୂର୍ବଖଣ୍ଡର ସମିତିଙ୍କ ପାଇଁ ବ୍ରହ୍ମପୁର କେନ୍ଦ୍ର ବ୍ୟାଙ୍କ । ଏହି ବ୍ୟାଙ୍କରେ ... ଅଂଶୀଦାରଙ୍କ ମଧ୍ୟରୁ ୭ ଜଣ ଓ ସମିତିଙ୍କ ତରଫରୁ ୧୦ ଜଣ ସଭ୍ୟ ନିର୍ବାଚିତ ହୋଇ ବୋର୍ଡ ଗଠିତ ହୁଏ । ଏଥିରେ କେବଳ ତିନିଜଣ ଓଡ଼ିଆ ସଭ୍ୟ, ଅବଶିଷ୍ଟ ୧୪ ଜଣ ଅନ୍ଧ୍ର ସଭ୍ୟ ଅଛନ୍ତି । ବ୍ୟାଙ୍କର କାରବାର ପ୍ରାୟ ବାରଲକ୍ଷ ଟଙ୍କାର ହେବ । ସମଗ୍ର ଜିଲ୍ଲାରେ ଏ ଦୁଇ ବ୍ୟାଙ୍କର କାରବାର ୨୫ ଠାରୁ ୩୦ ଲକ୍ଷ ଟଙ୍କା ମଧ୍ୟରେ ।

—:—

ଭୂମିକମ୍ପ ସାହାଯ୍ୟ

ଭଦ୍ରକ, ତା ୭।୨।୩୪

ଉତ୍ତର ବିହାରର ଭୂମିକମ୍ପ ପ୍ରପୀଡ଼ିତ ଦୁଃସ୍ଥ ଲୋକଙ୍କ ସାହାଯ୍ୟ ସକାଶେ ଭଦ୍ରକରେ ଗୋଟିଏ କମିଟି ଗଠିତ ହୋଇଅଛି । ସବ୍‌ଡିଭିଜନ ଅଫିସର ରାୟସାହେବ ଦୁର୍ଗା- ଚରଣ ଦାସ ପ୍ରେସିଡେଣ୍ଟ, ଓକିଲ ଶ୍ରୀଯୁକ୍ତ ନରେନ୍ଦ୍ରପ୍ରସାଦ ଦାସ ସେକ୍ରେଟେରୀ ଓ ସ୍ଥାନୀୟ ଜମିଦାର ଏବଂ କେତେକ ବିଶିଷ୍ଟ ବ୍ୟକ୍ତି ମେମ୍ବର ହୋଇଅଛନ୍ତି । ପୂର୍ବରୁ ମୋଟ ୮୫୦ ଟଙ୍କା ଚାନ୍ଦା ଉଠିଥିଲା । ବର୍ତ୍ତମାନ ଓକିଲ ଶ୍ରୀଯୁକ୍ତ ଗଣେଶପ୍ରସାଦ ମହାପାତ୍ର ଟ ୨୦୯ଙ୍କା, ... କାନୁନଗୋ ଟ ୨୦୯ ଜମିଦାର ମହାଶୟ ଶ୍ରୀଯୁକ୍ତ ଗଣେଶପ୍ରସାଦ ରାୟ ଟ ୪୦୯ ସବ୍‌ଡିଭିଜନ ଅଫିସର କରଣୀବୃନ୍ଦ ଟ ୪୦୯ ଟଙ୍କା ଦାନ କରିଅଛନ୍ତି । ଏହାଛଡ଼ା ହାଟ, ବଜାର, ରେଲଓ୍ୱେ ଷ୍ଟେସନ ପ୍ରଭୃତିରୁ ଚାନ୍ଦା ଅଦାୟ କରାଯାଉ ଅଛି । ବିଦ୍ୟାଳୟ ବାଳକ ସମିତି ଗୋଷ୍ଠୀରେ ... ଅନୁନୟ କରି ... ସାହାଯ୍ୟ ପାଣ୍ଠିରେ ଦେବାପାଇଁ ପ୍ରସ୍ତୁତ ହୋଇଅଛନ୍ତି । ବିହାରର ... ଏ ଦୁର୍ଦ୍ଦିନରେ ଭଦ୍ରଖବାସୀମାନଙ୍କର ସାହାଯ୍ୟ କରିବା ଏକାନ୍ତ ଆବଶ୍ୟକ ଓ ବାଞ୍ଛନୀୟ ।

—

ଜଳ ଅସୁବିଧା
କୂଅଟିଏ ପାଇଁ ନିବେଦନ

ଲଙ୍କା (ପିପିଲି) ତା ୫।୨।୩୪

ପୁରୀଜିଲ୍ଲା ପିପିଲିଥାନାର ଲଙ୍କାଗ୍ରାମ ଦୟାନଦୀ କୂଳରେ । ଲୋକେ ୨ଶହ ଘର ଏ ଗାଁରେ ବାସକରନ୍ତି । ଏହା ଦୟାନଦୀ କୂଳରେ । ନଦୀ ଶୁଖିଗଲେ ଲୋକମାନେ ପିଇବାକୁ ପାଣି ଟୋପେ ପାଆନ୍ତି ନାହିଁ । ଏଥିପାଇଁ ଖରାପ ପାଣି ପିଇ ନାନାପ୍ରକାର ସଂକ୍ରାମକ ରୋଗରେ ପଡ଼ନ୍ତି । ଗୋଟିଏ କୂଅ ଗାଁରେ କରିଦେବା ପାଇଁ ଏମାନେ ପୁରୀ ଜିଲ୍ଲାବୋର୍ଡକୁ ନିବେଦନ କରୁଛନ୍ତି । ନୂଆ ଚେୟାରମେନ ଏ ଦିଗରେ ଟିକିଏ ଦୃଷ୍ଟି ଦେବାପାଇଁ ଅନୁରୋଧ ।

—

ଉତ୍କଳର ଚାରିଆଡ଼େ ଦୁଃଖ

ମଧୁ ବିୟୋଗରେ ଶୋକ

ପୁରୀର ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ ଲେଖି- ଛନ୍ତି—"ଧୋଇ-ମଧୁପ ଉତ୍କଳ-କୁସୁମରୁ ମଧୁ ଲୁଟି ନେଇଗଲା ! ଅବଶ୍ୟ ଯିବା ଆସିବା ସଂସାରର ନୀତି । କେହି ଜଣେ ଚିରା- ୟୁଷ ରହେ ନାହିଁ । କିନ୍ତୁ ଜଣେ ଜଣେ ... ନେଇ ଆସିଥାନ୍ତି ! ଦେଶକୁ ଆଲୋକ ଦେଖାଇଦେଇ ଚାଲିଯାନ୍ତି ! ସେମାନଙ୍କ ପ୍ରସ୍ଥାନ ପରେ ଦେଶ ଅନ୍ଧକାରା- ଚ୍ଛନ୍ନ ହୋଇଯାଏ । ମଧୁସୂଦନ ଜଣେ ସେହି ଶ୍ରେଣୀର ଲୋକ । ସେ ଆଲୋକ ନେଇ ଆସିଥିଲେ, ଆମ୍ଭମାନଙ୍କୁ ୫୦।୬୦ ବର୍ଷ କାଳ ଆଲୋକ ଦେଖାଇଥିଲେ । ଆଜି ସେ ଆଲୋକ ନେଇ ଚାଲିଗଲେ । ଆଜି ଉତ୍କଳବାସୀ ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ଆଲୋକହରା ହୋଇ ହାହାକାର କରୁଛନ୍ତି । ନବ ଉତ୍କଳର ସେ ଜନ୍ମଦାତା । ତାଙ୍କର ବହୁମୁଖୀ କର୍ମଜୀବନ ଆମ୍ଭମାନଙ୍କର ଆଦର୍ଶ ! ତାଙ୍କର ଇଚ୍ଛା ପୂରଣ ଲାଗି ଯାହା ବାକି ଅଛି ତାହା ପୂରଣ କରିପାରିଲେ ଓଡ଼ିଶା ପ୍ରକୃତ କର୍ତ୍ତବ୍ୟ କରିବ । ତାଙ୍କ ପ୍ରତି ପ୍ରକୃତ ଭକ୍ତି, ସ୍ନେହ, ଶ୍ରଦ୍ଧା, ସମ୍ମାନ ଦେଖାଇବାକୁ ହେବ । ହତୋତ୍ସାହ ହୋଇ ବସିଲେ ଚଳିବ ନାହିଁ । ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀ- କରଣ ହୃଦୟର ମୂଳକଥା ସେ ଧରାଇଥିଲେ । ସେ ଉତ୍କଳ ସମ୍ମିଳନୀର ଜନ୍ମଦାତା । ଉତ୍କଳ ସମ୍ମିଳନୀର ଜନ୍ମଦିନଠାରୁ ଅଦ୍ୟା- ବଧି ତାଙ୍କ ସଙ୍ଗେ କାର୍ଯ୍ୟ କରିବାର ସୁବିଧା ସୁଯୋଗ ମୋ ଭାଗ୍ୟରେ ଘଟିଥିଲା । କାର୍ଯ୍ୟ କ୍ଷେତ୍ରରେ ନାନା ସମ୍ପର୍କରେ ତାଙ୍କ ତାଡ଼ନା ବାଣୀ ମନେ ପଡ଼ୁଛି । ତାଙ୍କ ପ୍ରାଣରେ ସର୍ବଦା ଦେଶମିଶ୍ରଣ ପ୍ରଶ୍ନ ଜାଗ୍ରତ ଥିଲା । ଓଡ଼ିଶା ଶାସନ କମିଟିରେ ସେ ଜଣେ ସଦସ୍ୟ ଥିଲେ । ପୁରୀ ବୈଠକବେଳେ ତାଙ୍କ ଆଗେ ମୋତେ ସାକ୍ଷ୍ୟ ଦେବାକୁ ପଡ଼ିଥିଲା । କେତେବେଳେ ତାଙ୍କ କଥାରୁ ଜଣାପଡ଼ିଲା ଯେ ସେ ଯେପରି ଦେଶ ଗଢ଼ାଯାଉଛି ସେଥିରେ ସନ୍ତୁଷ୍ଟ ନ ଥିଲେ । ନୂଆ ପ୍ରଦେଶ ପ୍ରଦେଶ ପରି ନ ହେଲେ, ଅନ୍ୟ ପ୍ରଦେଶର ସମକକ୍ଷ ହୋଇ ନ ପାରିଲେ ସେ ଏଥିରେ ସନ୍ତୁଷ୍ଟ ନହେବେ ବୋଲି ତାଙ୍କ କଥାରୁ ବୁଝିଥିଲି । ଯାହାହେଉ ସେ ତାଙ୍କ କାର୍ଯ୍ୟ କରି ଚାଲିଗଲେ । ଦେଶମିଶ୍ରଣ ପ୍ରଶ୍ନର ପୂର୍ଣ୍ଣ ସମାଧାନ ହୋଇନାହିଁ । ଅନେକ ଓଡ଼ିଆ ଭାଷୀ ଅଞ୍ଚଳକୁ କାଟି ଦିଆଯାଉଛି । ଓଡ଼ିଶା ତଥା ଓଡ଼ିଆ ଜାତିର ଏ ଜୀବନ ମରଣ ସମସ୍ୟା ଯେତେବେଳେ ଚାଲିଥିବାବେଳେ ଓଡ଼ିଶାର ଏ ଘୋର ବିପତ୍ତି ବେଳେ ମଧୁସୂଦନ ଅନ୍ତର୍ହିତ ହେଲେ । ଏହା ଓଡ଼ିଆ ଜାତିର ଦୁର୍ଭାଗ୍ୟ ଛଡ଼ା ଆଉ କିଛି ନୁହେ । ମଧୁସୂଦନ ଓଡ଼ିଶାର ଗୋଟିଏ ପ୍ରଧାନ ସ୍ତମ୍ଭ ଥିଲେ । ତାଙ୍କ ସ୍ଥାନ ପୂରଣ କରିବା ପାଇଁ ଦ୍ୱିତୀୟ ଲୋକ କାହାକୁ ଦେଖୁନାହିଁ । ସମସ୍ତେ ତାଙ୍କ ତିରୋଧାନରେ ଦୁଃଖିତ । ସମସ୍ତଙ୍କ ମନକୁ ତାଙ୍କ ତିରୋଧାନ ବାଧା ଦେଇଛି । ସମସ୍ତେ ଶୋକସନ୍ତପ୍ତ । ସମସ୍ତେ ଅକାଳ ବୃଦ୍ଧଜନତା ତାଙ୍କର ବିୟୋଗରେ ମର୍ମାହତ । ସେ ଜଣେ ସ୍ୱାଧୀନଚେତା କର୍ମବୀର ଥିଲେ । ସେ ଆଦର୍ଶ ଦେଖାଇ ଯାଇଛନ୍ତି । ବର୍ତ୍ତମାନ ତାଙ୍କ ପଥରେ ପଥିକ ହେବାପାଇଁ ଅଣ୍ଟା ଭିଡ଼ିଲେ ଓଡ଼ିଆ ଯୁବକ ତାଙ୍କର ପ୍ରକୃତ ପୂଜା କରିବ, ତାଙ୍କର ପ୍ରକୃତ ସ୍ମୃତି ରହିବ ! ବୀରମାନଙ୍କ ସ୍ମୃତି ପୂଜାର ଏହାହିଁ ପ୍ରଧାନ ପନ୍ଥା । କେବଳ କାଠ, ପଥର, ମାଟିରେ ମୂର୍ତ୍ତି ଗଢ଼ି ଥୋଇଦେଲେ କର୍ତ୍ତବ୍ୟ ଶେଷ ହେବ ନାହିଁ । ମୂର୍ତ୍ତିକି ଦେଖି ତାଙ୍କ ପଥରେ ପଥିକ ହୋଇ ନ ପାରିଲେ ସବୁ ବୃଥା ହେବ । ମଧୁସୂଦନଙ୍କ କର୍ମମୟ ଜୀବନକୁ ଅନୁକରଣ କଲେ ତାଙ୍କ କର୍ମଜୀବନ ପ୍ରକୃତ ସ୍ମୃତି ହେବ । ତାହାହିଁ ତାଙ୍କ ପୂଜାର ପ୍ରକୃତ ସାମଗ୍ରୀ । ଦେଶମିଶ୍ରଣ ପ୍ରଶ୍ନ ଅଦ୍ୟ ରହିଛି, ମଧୁସୂଦନ ଚାଲିଗଲେ । ଓଡ଼ିଆ ଜାତି ଉପରେ ସ୍ମୃତିକର୍ତ୍ତବ୍ୟ ଭାର ଲଦି ଦେଇଗଲେ । ସେ ପ୍ରଶ୍ନ ସମାଧାନ ନ ହେବା ପର୍ଯ୍ୟନ୍ତ ତାଙ୍କ ସ୍ମୃତି ପୂଜା ଶେଷ ହେବ ନାହିଁ । ଓଡ଼ିଆମାନଙ୍କୁ ଏହି କଥା ମନେ ରଖିବାକୁ ହେବ ଏବଂ ଅଣ୍ଟାଭିଡ଼ି କାର୍ଯ୍ୟ କରିବାକୁ ହେବ । କେବଳ ଶୋକ ସଭା କରି କାର୍ଯ୍ୟ ଶେଷ କଲେ ତାଙ୍କପ୍ରତି ଶ୍ରଦ୍ଧା ଭକ୍ତି କରାଯିବ ନାହିଁ । କର୍ମବୀରମାନଙ୍କ କର୍ମମୟ ଜୀବନ ଜାତିର ସମ୍ବଳ ଏବଂ ପଥ ପ୍ରଦର୍ଶକ । ସେହି କର୍ମମୟ ଜୀବନକୁ ଆଗରେ ରଖି ଆମ୍ଭମାନଙ୍କୁ ଭବିଷ୍ୟତ ଗଢ଼ିବାକୁ ହେବ ।

ଯାଉଥିଲେ ଗୋପବନ୍ଧୁ,
ତାଙ୍କ ପଛେ ଯାଉଛ ଚଳିଲେ ମଧୁ
ଜନ ନ ସହବ କାନ୍ଦୁ କାନ୍ଦୁ । ୧ ।
ଦିଶୁଛି ସବୁ ଅନ୍ଧାର,
ପଥ ଦେଖାଇବ କିଏ ସେ ପର
ମଧୁସୂଦନ ହେ ରତ୍ନାକର । ୨ ।
ସଙ୍ଗେ ହୋଇ ଏକମୁଖ,
ତାଙ୍କ ଭାଇ ମଧୁସୂଦନ ରଖ,
ସେହି ଦେଇପାରନ୍ତି ଆଲୋକ । ୩ ।

—

ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ କଲିକତା- ଠାରୁ ଲେଖିଛନ୍ତି—ମଧୁବାବୁଙ୍କ ମୃତ୍ୟୁରେ ଓଡ଼ିଶାରେ ଗୋଟିଏ ଶୂନ୍ୟ ହୋଇଗଲା । ଶ୍ରମିକ, ବଣିକ, ମେକାନିକ, ଗୁଣୀ, ଜ୍ଞାନୀ, ମାନୀ, ଧ୍ୟାନୀ—ତାଙ୍କଠାରେ ଏକତ୍ରିତ ହୋଇଥିଲା । ତାଙ୍କ ଜୀବନର ଇତିହାସ ଆଲୋଚନା କରିବାର ଏ ବେଳ ନୁହେଁ । ସେ ବୃଦ୍ଧବୟସ ନକ୍ଷତ୍ର ପରି ଏକାକୀ ... ଉଜ୍ଜ୍ୱଳ କରିଣ ଚାଲିଦେଇ ଯାଇଅଛନ୍ତି । ତାଙ୍କର ସହିତରେ ତାଙ୍କର ଯୁଗ ... ଗୋଟିଏ ଯୁଗ ଗଲା । ମଞ୍ଜି ... ନୂତନ ... ଦେଖାଗଲା—ନୂତନ ଉତ୍କଳର ଆରମ୍ଭରେ ପ୍ରାଚୀନ ଉତ୍କଳର ପ୍ରାଚୀନତମ ମନୁଷ୍ୟ ଆଜି ତିରୋହିତ ହେଲେ । କିନ୍ତୁ ... ରସ ଯୋଗାଇ, ତାଙ୍କର ଆତ୍ମା ଅମର ଧାମରୁ ନୂତନ ଓଡ଼ିଶାକୁ ଆଶୀର୍ବାଦ କରୁ ।

—

ଅଠଗଡ଼ରେ ଶୋକ ପ୍ରକାଶ

ଅଠଗଡ଼, ତା ୬।୨।୩୪

କୁଳବୃଦ୍ଧ ମଧୁବାବୁଙ୍କର ମୃତ୍ୟୁସମ୍ବାଦ ପହଞ୍ଚିବା ମାତ୍ରେ ଏଠାରେ ସମସ୍ତେ ବଡ଼ ବ୍ୟଥିତ ହୋଇ ପଡ଼ିଥିଲେ । ଅଠଗଡ଼ର ରାଜାସାହେବ ସଙ୍ଗେ ସ୍କୁଲକୁ ଯାଇ ସେଠାରେ ଏ ବାର୍ତ୍ତା ଶୁଣାଇ ଛାତ୍ର ଓ ଶିକ୍ଷକଙ୍କ ସଭାରେ ସମ୍ବାଦ ଦୁଃଖ ପ୍ରକାଶ କରି ପାଇଥିଲେ । ମଧୁବାବୁ ସ୍ୱର୍ଗୀୟ ରାଜାଙ୍କର ସଙ୍ଗୀ ଥିଲେ, ସ୍ୱର୍ଗୀୟ ବିଶ୍ୱନାଥ ରାଜାଙ୍କର ପରାମର୍ଶଦାତା ଥିଲେ । ସେ ନିଜେ ... ଅଠଗଡ଼ ରାଜ୍ୟ ତାଙ୍କଠାରେ ... ବୋଲି କହି ମଧୁବାବୁଙ୍କୁ ସମ୍ମାନ ଦେଖାଇବା ଲାଗି ସଙ୍ଗେ ସଙ୍ଗେ ଶୋକ ... ସ୍କୁଲ ବନ୍ଦ ହୋଇଗଲା । ସେହିପରି କଚେରୀରେ ମଧ୍ୟ ରାଜା ଓ ଦେଓ୍ୱାନ ପ୍ରମୁଖ ଦୁଃଖ ପ୍ରକାଶକରି କଚେରୀ ବନ୍ଦକରି ଦେଇଥିଲେ ।

—

ଶୋକ ସଂବାଦ

କେନ୍ଦାରପୁର (ଭଦ୍ରକ) ତା ୫।୨।୩୪

ଗତ ୨୯ ତାରିଖ ସୋମବାର କେନ୍ଦାରପୁର ଗ୍ରାମର ଖ୍ୟାତନାମା ... ଶ୍ରୀ ... ସାହୁ ୬୫ବର୍ଷ ବୟସରେ ପରଲୋକ ହୋଇଗଲେ । ତାଙ୍କ ମୃତ୍ୟୁରେ ଏ ଅଞ୍ଚଳର ବହୁଲୋକ ଦୁଃଖିତ । ସେ ପରୋପକାରୀ ଲୋକ ଥିଲେ ।

ଖଜଣା ଅଦାୟ ଜୁଲମ

ଏ ଅଞ୍ଚଳରେ ଧାନ ଫସଲରେ ଚାଷୀମାନେ ବହୁ କ୍ଷତିଗ୍ରସ୍ତ ହୋଇଥିଲେ । ଫଳରେ କୃଷିବର୍ଗ ... ଖଜଣା ମେଣ୍ଟାଇବାକୁ ଅକ୍ଷମ । ସେଥିରେ ପୁଣି ଗତମାସରେ ଖାସମହାଲ କର୍ମଚାରୀମାନେ ଯେଉଁ କଠୋର ନୀତି ଧରିଲେ ସେଥିରେ ଲୋକେ କୌଣସି- ପ୍ରକାରେ ... ଖଜଣା ... ରକ୍ଷା ପାଇଲେ । ସରକାର ... ଖଜଣାକୁ ... ଛାଡ଼ିଦିଅନ୍ତୁ ଓ ଅଦାୟ ମୁଲତବି ରଖନ୍ତୁ ।

ବସନ୍ତ ମଡ଼କ

ଏ କେତେଦିନ ଗ୍ରାମରେ ମାସେ ହେଲା ... ଗୋଟିଏ ... ପ୍ରକାର ରୋଗ ଧରିଥିବାରୁ ... ୨।୩ ଦିନ ପରେ ... ମରିଯାଉଥିଲେ । ଏହାଫଳରେ ଗ୍ରାମରୁ ... ପଳାଇ ଯାଉଛନ୍ତି ।

—

Print and Published by Radhanath Rath, for the People Ltd Lahore, at The Satyabadi Press, Cuttack.
ସମ୍ପାଦକ—ଲିଙ୍ଗରାଜ ମିଶ୍ର … —ସୁଧାକର